स्वच्छ भारत
एक कदम स्वच्छता की ओर

कोल इण्डिया Coal India

MCL

# 69वें गणतंत्र दिवस के शुभ अवसर पर एम.सी.एल. परिवार के नाम

## अध्यक्ष-सह-प्रबंध निदेशक महोदय का

# संदेश



**श्री अनिल कुमार झा**, सीएमडी

## गणतंत्र दिवस 2018

महानदी कोलफील्डस लिमिटेड
**Mahanadi Coalfields Limited**
*(A Subsidiary of Coal India Limited)*

**मेरे प्यारे साथियों,**

69वें गणतंत्र दिवस के पावन अवसर पर आप सभी को मेरी हार्दिक बधाई और शुभकामनाएँ ।

मैं यह कामना करता हूँ कि नव वर्ष 2018 आप सभी के जीवन में सुख, समृद्धि,खुशहाली और शांति लाये ।

आज हम देश के वीर जवानों व मनिषियों के त्याग व बलिदान को याद करते हुए इस राष्ट्र ध्वज के नीचे हम सब मिल कर संकल्प लेंगे कि गणतंत्र भारत का जो सपना उन्होने देखा था, उसे साकार करने का प्रयत्न करेंगे । अपने अपने कार्यक्षेत्र में देश के विकास के लिए जो भी बन पड़ेगा करेंगे एवं देश की गरिमा के लिए, अखण्ड एवं मजबूत राष्ट्र निर्माण के लिए हम संकल्प लेंगे।

साथियों, आप सभी जानते हैं कि आज सारा विश्व मंदी के कठिन दौर से गुजर रहा है जिसका प्रभाव निश्चित रूप से हमारी अर्थ व्यवस्था पर भी पड़ा है । आज विकास के लिए हमें सर्वाधिक "विद्युत ऊर्जा" की आवश्यकता है । हम सौभाग्यशाली है कि इस आवश्यकता की पूर्ति के लिए हमारे देश में कोयले के प्रचुर भण्डार मौजूद हैं। अत: आप समझ सकते हैं कि देश की प्रगति में कोल इण्डिया परिवार के सभी सदस्य देश में ऊर्जा की जरूरत को पूरा करने में कितनी अहम भूमिका निभा रहे हैं । माननीय कोयला मंत्री श्री पीयूष गोयल ने सभी कोयला उत्पादक उपक्रमों को कोयला उत्पादन में उत्तोरत्तर बढ़ोत्तरी करने का निर्देश दिया है । वर्तमान वित्तीय वर्ष के शेष महीनों में हम सभी को एक जुट होकर कोयला उत्पादन व प्रेषण में ज्यादा से ज्यादा उपलब्धि हासिल करनी है ।

भारत की मुख्य कोयला उत्पादक कंपनी होने के नाते हमें अपने ग्राहकों को कोयले की आपूर्ति निर्बाध बनाए रखने की जिम्मेदारी निभानी है । आनेवाले दिनों में बिजली की माँग में वृद्धि होने के साथ-साथ हमें कोयला उत्पादन में और वृद्धि दर हासिल करनी है । चालू वित्तीय वर्ष 2017-18 में कोल इण्डिया ने एमसीएल परिवार के लिए 150 मिलियन टन कोयला उत्पादन करने का लक्ष्य दिया है । विभिन्न चुनौतियों के बावजूद भी, हम अपने लक्ष्य की ओर अग्रसर होते हुए 15 जनवरी, 2018 तक यानी 290 दिनों में हमने 106 मिलियन टन से ज्यादा कोयले का उत्पादन कर लिया है और हमारी जुझारू टीम इस लक्ष्य को पूरा करने में पूरी तरह से सक्षम हैं एवं मुझे पूरा विश्वास है कि आप सभी के प्रयासों से हम कामयाबी अवश्य हासिल करेंगे जो कि हमारे लिए एक नया कीर्तिमान होगा ।

माननीय प्रधानमंत्री के स्वच्छ भारत अभियान के तहत एमसीएल ने तालचेर कोयलाचंल में कोल कॉरिडर का निर्माण किया है, जिससे आठ गाँव एवं नौ आवासीय कालोनियों को प्रदूषण से राहत मिलने के साथ-साथ पर्यावरण पर अनुकूल प्रभाव पड़ा है । उसी प्रकार ईब कोयलाचंल में भी कोल कॉरिडर निर्माण करने की योजना हमने बनाई है । इसी कड़ी में 35 करोड़ रूपये की लागत से तालचेर कोयलाचंल के घण्टपडा में नये फ्लाई ओवर का निर्माण कार्य प्रगति पर है ।

आपको जानकर खुशी होगी कि पुर्नवास एवं पुर्नस्थापन योजना के तहत पिछले पाँच वर्षों में भूमि के एवज में एमसीएल ने 2790 नौकरियाँ प्रदान की है जिसमें वर्ष, 2017 में 785 नौकरियाँ प्रदान की गई है ।

एमसीएल कोयला प्रेषण के क्षेत्र में तो सर्वश्रेष्ठ कंपनी है हीं, साथ ही कार्पोरेट सामाजिक उत्तरदायित्व के क्षेत्र में भी जन-जन तक जुड़ कर एक सकारात्मक छवि निर्माण करने में सफल रही है। जनता और प्रशासन, के सहयोग से एमसीएल ने कोयला जगत में प्रथमत: तालचेर में महानदी इंस्टीच्यूट आफ मेडिकल साइंस एण्ड रिसर्च नामक एक चिकित्सा संस्थान खोलने जा रही है, जिसका निर्माण कार्य अन्तिम चरण में है । एमसीएल द्वारा सम्बलपुर विश्वविद्यालय में 150 शैय्यावाली छात्रावास का निर्माण कार्य चल रहा है । अनगुल जिले के विभिन्न स्कूलो में 138 अतिरिक्त क्लास का निर्माण करवा रही है। राज्य प्रशासन के माध्यम से एमसीएल 134 आंगनवाड़ी केन्द्रों का निर्माण करवा रही है तथा साथ ही मालकानागिरी में आदिवासी छात्रों के लिए एक बहुमंजिली छात्रावास का निर्माण कर रही है । भुवनेश्वर के पास चन्द्रका डमपडा Wild Life Sanctuary के सुरक्षा एवं संरक्षण के लिए 57 लाख रूपये तथा डिबुरगढ Wild Life Sanctuary एवं हीराकूद जल भण्डार के सुरक्षा एवं संरक्षण के लिए 61 लाख रूपये की राशि ओडिशा सरकार के वन विभाग को आर्थिक सहायता प्रदान की गई है।

स्किल इंडिया के तहत एमसीएल ने पुर्नवास एवं पुर्नस्थापन योजना के अंतर्गत भूमिगत खदानों में कार्यरत 715 कर्मचारियों को उनके योग्यता के अनुसार खुली खदानों में पदस्थापित करने के साथ-साथ उनके कौशल विकास के लिए भी अवसर प्रदान किया है । चालू वर्ष में 875 श्रमिकों को योग्यतानुसार कुशल कर्मचारी बनाने के लिए उन्हें विभिन्न स्किल कैडरों में प्रशिक्षित किया जा रहा है । एमसीएल के इस अभिनव दृष्टिकोण के तहत मौजूदा जनशक्ति का लाभप्रद उपयोग करने के लिए श्रमिकों को वरिष्ठता के आधार पर उनके ट्रेड के हिसाब से अवसर दिया है ।

खान सुरक्षा हमारी प्राथमिकता होनी चाहिए । हमारी कोशिश यही रहेगी कि शून्य दुर्घटना दर हासिल की जाए । खान सुरक्षा में अच्छे कार्य निष्पादन के लिए श्रम और रोजगार मंत्रालय, भारत सरकार द्वारा नई दिल्ली के विज्ञान भवन में आयोजित एक भव्य समारोह में भारत के महामहिम राष्ट्रपति श्री राम नाथ कोविंद ने एमसीएल की जगन्नाथ कोलियरी को राष्ट्रीय खान सुरक्षा पुरस्कार से सम्मानित किया है ।

सतर्कता में अभिनव कार्य और भ्रष्टाचार के विरूद्ध नयी तकनीकी अपनाकर पारदर्शिता लाने के लिए आपकी कंपनी को दिल्ली के विज्ञान भवन में मेरा लक्ष्य-भ्रष्टाचार मुक्त भारत पर आयोजित सेमिनार में माननीय उपराष्ट्रपति श्री वेंकैया नायडू ने राष्ट्रीय स्तर पर दो पुरस्कार प्रदान किया । इस उपलब्धि के लिए मैं एमसीएल के मुख्य सतर्कता अधिकारी श्री मुनव्वर खुर्शीद, आईआरपीएफ एवं उनके टीम को बधाई देता हूँ ।

कोयला उत्पादन व प्रेषण में उत्कृष्ट प्रदर्शन तथा देश की आर्थिक विकास में अभिवृद्धि करने के क्षेत्र में, अहम योगदान देने के लिए एमसीएल के सीएमडी को ओड़िशा मीडिया इन्फो सर्विस प्रा. लि., भुवनेश्वर द्वारा बिजनेस लीडरशिप एवार्ड-2017 प्रदान किया गया ।

स्वच्छता पखवाड़ा के दौरान कंपनी में वृक्षारोपण, स्कूल व अस्पताल में साफ-सफाई कार्यस्थल एवं कॉलोनियों की सफाई कार्य के लिए कोल इंडिया द्वारा मूल्यांकन के अधार पर एमसीएल को प्रथम पुरकार मिला ।

एमसीएल खेलों को बढ़ावा देने के लिए कटिबद्ध है । एमसीएल ने हॉकी खेल को प्रोत्साहित करने के लिए इडको-एमसीएल कलिंगा लांसर्स टीम के लिए वर्ष 2013 से 16 तक 23 करोड़ रूपये प्रदान किए हैं । पुन: सम्बलपुर में स्पोर्ट्स कॉम्प्लेक्स निर्माण के लिए 25 करोड़ रूपये एवं झारसुगुडा में स्टेडियम निर्माण के लिए 15 करोड रूपये प्रदान किया है । इसी परिप्रेक्ष में ओड़िशा की युवा टेनिस तारका ऋतुपर्णा चौधरी को टेनिस खेल में उत्कृष्ट प्रदर्शन के लिए प्रशंसा के रूप में एमसीएल की ओर से एक लाख रुपये की वित्तीय सहायता प्रदान की गई ।

जागृति महिला मंडल एवं इसके अधीन क्षेत्रों की महिला मंडल द्वारा चलाई जा रही परियोजनाओं द्वारा गरीब, अभावग्रस्त, जरूरतमंद लोग काफी लाभान्वित हो रहे हैं । मैं इस मंच से महिला मंडल की हर एक सदस्या को उनके सामाजिक जनकल्याण कार्यों के लिए आभार प्रकट करता हूँ ।

मैं, एमसीएल को सफलता के शिखर पर ले जाने के लिए प्रतिबद्ध सभी कामगार बन्धुओं, श्रमिक संघ के नेताओं, अधिकारी संघ के पदाधिकारियों, राज्य प्रशासन, वन व पर्यावरण मंत्रालय, स्थानीय निवासियों, सांसदों, विधायकों व पत्रकारों, अधिकारियों, कंपनी के निदेशकगण और अन्य अंशधारकों को इस अवसर पर हार्दिक शुभकामनाएँ देता हूँ । मुझे आशा ही नहीं बल्कि पूर्ण विश्वास है कि आपके सक्रिय सहयोग से हम आनेवाली हर चुनौतियों का सफलतापूर्वक सामना करेंगे एवं सफलता के नए कीर्तिमान स्थापित करेंगे ।

बन्दे मातरम्, जय हिन्द, जय कोल इण्डिया, जय महानदी ।

दिनांक : 26 जनवरी 2018

आपका

**(अनिल कुमार झा)**

अध्यक्ष-सह-प्रबंध निदेशक

स्वच्छ भारत
एक कदम स्वच्छता की ओर

MCL

# ୬୯ତମ ଗଣତନ୍ତ୍ର ଦିବସର
# ଶୁଭ ଅବସରରେ
# ଏମ୍‌ସିଏଲ୍ ପରିବାରଙ୍କ ଉଦ୍ଦେଶ୍ୟରେ

## ବାର୍ତ୍ତା



**ଶ୍ରୀ ଅନିଲ୍ କୁମାର ଝା, ସିଏମ୍‌ଡି**

## ଗଣତନ୍ତ୍ର ଦିବସ ୨୦୧୮

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍
**Mahanadi Coalfields Limited**
*(A Subsidiary of Coal India Limited)*

**ମୋର ପ୍ରିୟ ବନ୍ଧୁଗଣ,**

୬୯ତମ ଗଣତନ୍ତ୍ର ଦିବସର ପବିତ୍ର ଅବସରରେ ମୋ ତରଫରୁ ଆପଣ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ନୂତନ ବର୍ଷ ୨୦୧୮ ସମସ୍ତଙ୍କ ଜୀବନରେ ସୁଖ, ସମୃଦ୍ଧି, ଆନନ୍ଦ-ଉଦ୍ଦୀପନା ଏବଂ ଶାନ୍ତି ଭରି ଦେଉ, ଏହା ହିଁ ଭଗବାନଙ୍କ ନିକଟରେ ମୋର ପ୍ରାର୍ଥନା ।

ଆଜି ଆମେ ଆମ ଦେଶର ବୀର ଯବାନ ଏବଂ ମହା ମନୀଷୀଙ୍କ ତ୍ୟାଗପୂତ ଜୀବନ ଓ ବଳିଦାନକୁ ମନେ ପକାଇବା ସହିତ ସେମାନେ ଗଣତନ୍ତ୍ର ଭାରତ ଗଠନ ନିମନ୍ତେ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହାକୁ ସାକାର କରିବା ପାଇଁ ରାଷ୍ଟ୍ରୀୟ ପତାକା ତଳେ ଆମେ ସବୁ ମିଳିମିଶି ସଂକଳ୍ପ ନେବା ଉଚିତ୍ । ଆମ୍ଭେମାନେ ନିଜ ନିଜର କାର୍ଯ୍ୟକ୍ଷେତ୍ରରେ ଦେଶର ବିକାଶ ନିମନ୍ତେ ଯାହା ବି ସମ୍ଭବ ତାହା ନିଶ୍ଚିତ କରିବା ଏବଂ ଦେଶର ଗାରିମା ବୃଦ୍ଧି ଜନୀତ ଅଖଣ୍ଡ ତଥା ସୁଦୃଢ଼ ରାଷ୍ଟ୍ର ନିର୍ମାଣ ନିମନ୍ତେ ସଂକଳ୍ପ ନେବା ।

ବନ୍ଧୁଗଣ, ଆପଣମାନେ ଜାଣିଥିବେ ଯେ ଆଜି ସାରା ବିଶ୍ୱ ମୁଦ୍ରାସ୍ଫିତି ଜନୀତ କଠିନ ସମୟ ଦେଇ ଗତି କରୁଛି । ଯାହାର ପ୍ରଭାବ ନିଶ୍ଚିତ ଭାବେ ଆମ ଦେଶର ଅର୍ଥ ବ୍ୟବସ୍ଥା ଉପରେ ସିଧାସଳଖ ପଡୁଛି । ଆଜି ଦେଶର ବିକାଶ ନିମନ୍ତେ ପର୍ଯ୍ୟାପ୍ତ ବିଦ୍ୟୁତ ଶକ୍ତି ର ଆବଶ୍ୟକତା ରହିଛି । ଆମେ ଭାଗ୍ୟବାନ ଯେ ଏହି ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଆମ ଦେଶରେ ପର୍ଯ୍ୟାପ୍ତ ପରିମାଣର କୋଇଲା ଭରପୂର ହୋଇ ରହିଛି । ତେଣୁ ଆପଣମାନେ ବୁଝିପାରୁଥିବେ ଯେ ଦେଶର ପ୍ରଗତିରେ କୋଲ୍ ଇଣ୍ଡିଆ ପରିବାରର ସମସ୍ତ ସଦସ୍ୟ ଦେଶରେ ଶକ୍ତିର ଆବଶ୍ୟକତାକୁ ପୂରଣ କରିବାରେ କେତେ ମାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ମାନନୀୟ କୋଇଲା ମନ୍ତ୍ରୀ ଶ୍ରୀ ପିୟୂଷ ଗୋୟଲ ସମସ୍ତ କୋଇଲା ଉତ୍ପାଦନ ଉପକ୍ରମଗୁଡ଼ିକୁ କୋଇଲା ଉତ୍ପାଦନ କ୍ଷେତ୍ରରେ ପର୍ଯ୍ୟାପ୍ତ ବୃଦ୍ଧି ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ସଂପ୍ରତି ଆର୍ଥିକ ବର୍ଷର ଶେଷ ମାସ ଗୁଡ଼ିକରେ ଆମ ସମସ୍ତଙ୍କୁ ଏକାଠି ହୋଇ କୋଇଲା ଉତ୍ପାଦନ ଏବଂ ପ୍ରେରଣ କ୍ଷେତ୍ରରେ ଅଧିକରୁ ଅଧିକ ଉପଲବ୍ଧି ହାସଲ କରିବାକୁ ହେବ ।

ଏମ୍‌ସିଏଲ୍ ଭାରତର ମୁଖ୍ୟ କୋଇଲା ଉତ୍ପାଦକ କମ୍ପାନୀ ହୋଇଥିବାରୁ ଆମକୁ ନିଜର ଗ୍ରାହକମାନଙ୍କୁ କୋଇଲା ଯୋଗାଣ ଜନୀତ ନିରନ୍ତରତା ଦାୟିତ୍ୱ ନିର୍ବାହ କରିବାକୁ ହେବ । ଆଗାମୀ ଦିନରେ ବିଦ୍ୟୁତ ଚାହିଦାରେ ବୃଦ୍ଧି ହେବା ସହିତ ଆମକୁ କୋଇଲା ଉତ୍ପାଦନରେ ଆହୁରି ଅଭିବୃଦ୍ଧି ହାସଲ କରିବାକୁ ପଡ଼ିବ । ଚଳିତ ଆର୍ଥିକ ବର୍ଷ ୨୦୧୭-୧୮ରେ କୋଲ୍ ଇଣ୍ଡିଆ, ଏମ୍‌ସିଏଲ୍ ପରିବାର ନିମନ୍ତେ ୧୫୦ ମିଲିୟନ୍ ଟନ୍ କୋଇଲା ଉତ୍ପାଦନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛି । ବିଭିନ୍ନ ଆହ୍ୱାନ ସତ୍ତ୍ୱେ ମଧ୍ୟ ଆମେ ନିଜର ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇ ୧୫ ଜାନୁଆରୀ, ୨୦୧୮ ପର୍ଯ୍ୟନ୍ତ ଅର୍ଥାତ୍ ୨୯୦ ଦିନରେ ଆମେ ୧୦୬ ମିଲିୟନ୍ ଟନ୍‌ରୁ ଅଧିକ କୋଇଲା ଉତ୍ପାଦନ କରିବାରେ ସକ୍ଷମ ହୋଇଛୁ ଏବଂ ଆମର ବଳିଷ୍ଠ ଟିମ୍ ଏହି ଲକ୍ଷ୍ୟକୁ ପୂରଣ କରିବା ନିମନ୍ତେ ସଂପୂର୍ଣ୍ଣ ସକ୍ଷମ ଅଟନ୍ତି । ମୋର ସଂପୂର୍ଣ୍ଣ ବିଶ୍ୱାସ ଯେ, ଆପଣ ସମସ୍ତଙ୍କ ପ୍ରଚେଷ୍ଟା ଦ୍ୱାରା ଆମେ ନିଶ୍ଚୟ ସଫଳତା ହାସଲ କରିବୁ, ଯାହାକି ଆମ ଦେଶ ପାଇଁ ଏହା ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିପାରିବ ।

ମାନନୀୟ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଅନୁଯାୟୀ ଏମ୍‌ସିଏଲ୍ ତାଳଚେର କୋଇଲାଞ୍ଚଳରେ କୋଲ କରିଡର ନିର୍ମାଣ କରିଛନ୍ତି, ଯେଉଁଥିରୁ ଆଠ ଗୋଟି ଗାଁ ଏବଂ ନଅ ଗୋଟି ଆବାସିକ କଲୋନୀକୁ ପ୍ରଦୂଷଣରୁ ମୁକ୍ତି ମିଳିବା ସହିତ ପରିବେଶରେ ଅନୁକୂଳ ପ୍ରଭାବ ପଡ଼ିଛି । ସେହିଭଳି ଭାବେ ଇବ୍ କୋଇଲାଞ୍ଚଳରେ ମଧ୍ୟ କୋଲ କରିଡର ନିର୍ମାଣ ନିମନ୍ତେ ଆମର ଯୋଜନା ବଳବତ୍ତର ରହିଛି ।

ଏହିକ୍ରମରେ ୩୫ କୋଟି ଟଙ୍କା ବିନିଯୋଗରେ ତାଳଚେର କୋଇଲାଞ୍ଚଳର ଘଣ୍ଟପଡ଼ା ଠାରେ ନୂତନ ଫ୍ଲାଇ ଓଭର ର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି ।

ଆପଣମାନେ ଜାଣି ଖୁସି ହେବେ ଯେ ପୁନର୍ବାସ ଏବଂ ଥଇଥାନ ଯୋଜନା କ୍ଷେତ୍ରରେ ଗତ ପାଞ୍ଚ ବର୍ଷ ମଧ୍ୟରେ ଜମି ବଦଳରେ ଏମ୍‌ସିଏଲ୍ ୨୭୯୦ ଜଣଙ୍କୁ ନିଯୁକ୍ତି ଦେଇଛି, ଯାହାକି ବର୍ଷ ୨୦୧୭ରେ ୭୮୫ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ।

କୋଇଲା ପ୍ରେରଣ କ୍ଷେତ୍ରରେ ଏମ୍‌ସିଏଲ୍‌କୁ ତ ସର୍ବଶ୍ରେଷ୍ଠ କମ୍ପାନୀର ମାନ୍ୟତା ମିଳିସାରିଛି, ଏହା ସହିତ କର୍ପୋରେଟ୍ ସାମାଜିକ ଉତ୍ତର ଦାୟିତ୍ୱ କ୍ଷେତ୍ରରେ ମଧ୍ୟ ଲୋକଙ୍କ ସହିତ ମିଳିମିଶି ଏକ ସକାରାତ୍ମକ ଛବି ନିର୍ମାଣ କରିବାରେ ସଫଳ ହୋଇଛି । ଜନତା ଏବଂ ପ୍ରଶାସନ ର ମିଳିତ ସହଯୋଗରେ ଏମ୍‌ସିଏଲ୍ କୋଇଲା ଜଗତରେ ପ୍ରଥମତଃ ତାଳଚେର ଠାରେ ମହାନଦୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ନାମକ ଏକ ଚିକିତ୍ସା ସଂସ୍ଥା ଖୋଲିବାକୁ ଯାଉଛି, ଯାହାର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏମ୍‌ସିଏଲ୍ ଦ୍ୱାରା ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୧୫୦ ଶଯ୍ୟା ବିଶିଷ୍ଟ ଏକ ଛାତ୍ରାବାସର ନିର୍ମାଣ କାର୍ଯ୍ୟ ଜାରି ରହିଛି । ଅନଗୁଳ ଜିଲ୍ଲାର ବିଭିନ୍ନ ସ୍କୁଲଗୁଡ଼ିକରେ ୧୩୮ ଅତିରିକ୍ତ ଶ୍ରେଣୀ କକ୍ଷ ନିର୍ମାଣ କରାଉଅଛି । ରାଜ୍ୟ ପ୍ରଶାସନ ଜରିଆରେ ଏମ୍‌ସିଏଲ୍ ୧୩୪ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କାର୍ଯ୍ୟ କରାଉଅଛି ଏବଂ ଏହା ସହିତ ମାଲ୍‌କାନାଗିରି ଠାରେ ଆଦିବାସୀ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏକ Multi Storied Hostel ନିର୍ମାଣ କରୁଛି । ଭୁବନେଶ୍ୱର ନିକଟସ୍ଥ ଚନ୍ଦକା ଡମପଡ଼ା ବନ୍ୟଜୀବ ଅଭୟାରଣ୍ୟ (Wild Life Sanctuary) ର ସୁରକ୍ଷା ଏବଂ ସଂରକ୍ଷଣ ନିମନ୍ତେ ୫୭ ଲକ୍ଷ ଟଙ୍କା ତଥା ଦିବୃଗଡ଼ ବନ୍ୟଜୀବ ଅଭୟାରଣ୍ୟ (Wild Life Sanctuary) ଏବଂ ହୀରାକୁଦ ଜଳଭଣ୍ଡାର ର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ୬୧ ଲକ୍ଷ ଟଙ୍କାର ଧନରାଶି ଓଡ଼ିଶା ସରକାରଙ୍କ ବନ ବିଭାଗକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ସ୍କିଲ ଇଣ୍ଡିଆ ଜରିଆରେ ଏମ୍‌ସିଏଲ୍ ପୁନର୍ବାସ ଓ ଥଇଥାନ ଯୋଜନା ଅଧୀନରେ ଭୂତଳ ଖଣିରେ କାର୍ଯ୍ୟରତ ୭୧୫ ଜଣ କର୍ମଚାରୀଙ୍କୁ ସେମାନଙ୍କ ଯୋଗ୍ୟତା ଭିତ୍ତିରେ ଖୋଲା ମୁହଁ ଖଣି (Open Cast Mines) ରେ ଅବସ୍ଥାପିତ କରିବା ସହିତ ସେମାନଙ୍କ ଦକ୍ଷତା ବିକାଶ ନିମନ୍ତେ ମଧ୍ୟ ସୁଯୋଗ ପ୍ରଦାନ କରିଛି । ଚଳିତ ବର୍ଷ ୮୭୫ ଜଣ ଶ୍ରମିକଙ୍କୁ ସେମାନଙ୍କ ଯୋଗ୍ୟତା ଅନୁଯାୟୀ କୁଶଳୀ କର୍ମଚାରୀ ଭାବେ ମାନ୍ୟତା ଦେବା ପାଇଁ ସେମାନଙ୍କୁ ବିଭିନ୍ନ ଦକ୍ଷତା କ୍ୟାଡରରେ ପ୍ରଶିକ୍ଷଣ ଦିଆଯାଉଛି । ଏମ୍‌ସିଏଲ୍ ର ଏହି ଅଭିନବ ପ୍ରୟାସ ଯୋଗୁଁ ବର୍ତ୍ତମାନ ମାନବ ସମ୍ବଳର ସଫଳ ବ୍ୟବହାର ନିମନ୍ତେ ଶ୍ରମିକଙ୍କୁ ବରିଷ୍ଠତା ଭିତ୍ତିରେ ସେମାନଙ୍କ ଟ୍ରେଡ୍ ଅନୁଯାୟୀ ସୁଯୋଗ ପ୍ରଦାନ କରାଯାଇଛି ।

ଖଣି ସୁରକ୍ଷା ଆମର ପ୍ରାଥମିକତା ହେବା ଉଚିତ୍ । ଶୂନ୍ୟ ଦୁର୍ଘଟଣା ଦର ହାସଲ କରିବା କ୍ଷେତ୍ରରେ ଆମର ପ୍ରଚେଷ୍ଟା ରହିବା ଆବଶ୍ୟକ । ଖଣି ସୁରକ୍ଷାରେ ଉତ୍ତମ କାର୍ଯ୍ୟ ସମ୍ପାଦନ ନିମନ୍ତେ ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ନୂଆ ଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀ ରାମ ନାଥ କୋବିନ୍ଦ ଏମ୍‌ସିଏଲ୍ ର ଜଗନ୍ନାଥ କୋଲିଆରୀକୁ ରାଷ୍ଟ୍ରୀୟ ଖଣି ସୁରକ୍ଷା ପୁରସ୍କାରରେ ସମ୍ମାନିତ କରିଛନ୍ତି ।

ସତର୍କତା କ୍ଷେତ୍ରରେ ଅଭିନବ କାର୍ଯ୍ୟଶୈଳୀ ଏବଂ ଭ୍ରଷ୍ଟାଚାର ବିରୁଦ୍ଧରେ ନୂଆ ବୈଷୟିକ କୌଶଳ ଗ୍ରହଣ କରି ଏ କ୍ଷେତ୍ରରେ ପାରଦର୍ଶିତା ଆଣିବା ନିମନ୍ତେ ଆପଣଙ୍କ କମ୍ପାନୀକୁ ଦିଲ୍ଲୀର ବିଜ୍ଞାନ ଭବନରେ "ମୋର ଲକ୍ଷ୍ୟ-ଭ୍ରଷ୍ଟାଚାର ମୁକ୍ତ ଭାରତ" ଶୀର୍ଷକ ସେମିନାରରେ ମାନନୀୟ ଉପ ରାଷ୍ଟ୍ରପତି ଶ୍ରୀ ଭେଙ୍କିୟା ନାଇଡୁ ରାଷ୍ଟ୍ରୀୟ ସ୍ତରରେ ଦୁଇ ଗୋଟି ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଉପଲବ୍ଧି ନିମନ୍ତେ ମୁଁ

ଏମ୍‌ସିଏଲ୍ ର ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ମୁନବର ଖୁର୍ସିଦ, ଆଇଆରପିଏଫ୍ ଏବଂ ତାଙ୍କ ଟିମ୍‌କୁ ଧନ୍ୟବାଦ ଅର୍ପଣ କରୁଛି ।

କୋଇଲା ଉତ୍ପାଦନ ଏବଂ ପ୍ରେରଣ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ଏବଂ ଦେଶର ଆର୍ଥିକ ବିକାଶରେ ଅଭିବୃଦ୍ଧି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ନିମନ୍ତେ ଏମ୍‌ସିଏଲ୍ ର ସିଏମ୍‌ଡ଼ିଙ୍କୁ ଓଡ଼ିଶା ମିଡିଆ ଇନ୍‌ଫୋ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ, ଭୁବନେଶ୍ୱର ଦ୍ୱାରା ବିଜିନେସ୍ ଲିଡରସିପ୍ ଆୱାର୍ଡ଼-୨୦୧୭ ପ୍ରଦାନ କରାଯାଇଛି ।

ସ୍ୱଚ୍ଛତା ଅଭିଯାନ ସମୟରେ କମ୍ପାନୀ ବୃକ୍ଷରୋପଣ, ସ୍କୁଲ ଓ ଚିକିତ୍ସାଳୟରେ ସଫା-ସୁତରା କାର୍ଯ୍ୟସ୍ଥଳ ଏବଂ କଲୋନୀଗୁଡ଼ିକରେ ସଫେଇ କାର୍ଯ୍ୟ ନିମନ୍ତେ କୋଲ୍ ଇଣ୍ଡିଆ ଦ୍ୱାରା ମୂଲ୍ୟାଙ୍କନ ଅନୁଯାୟୀ ଏମ୍‌ସିଏଲ୍ କୁ ପ୍ରଥମ ପୁରସ୍କାର ଦିଆଯାଇଛି ।

ଏମ୍‌ସିଏଲ୍ କ୍ରୀଡ଼ାକୁ ପ୍ରାଧାନ୍ୟ ଦେବା ନିମନ୍ତେ ଅଙ୍ଗୀକାରବଦ୍ଧ । ଏମ୍‌ସିଏଲ୍ ହକି ଖେଳକୁ ପ୍ରୋତ୍ସାହିତ କରିବା ନିମନ୍ତେ ଇଡ୍‌କୋ-ଏମ୍‌ସିଏଲ୍ କଳିଙ୍ଗ ଲାଂସର୍ସ ଟିମ୍‌କୁ ବର୍ଷ ୨୦୧୩ ଠାରୁ ୧୬ ପର୍ଯ୍ୟନ୍ତ ୨୩ କୋଟି ଟଙ୍କା ପ୍ରଦାନ କରିଛି । ପୁନର୍ବାର ସମ୍ବଲପୁର ଠାରେ ସ୍ପୋର୍ଟ୍‌ସ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ୨୫ କୋଟି ଟଙ୍କା ଏବଂ ଝାରସୁଗୁଡ଼ା ଠାରେ ଏକ ଷ୍ଟାଡ଼ିୟମ୍ ନିର୍ମାଣ ନିମନ୍ତେ ୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଯୁବ ଟେନିସ୍ ତାରକା ଋତୁପର୍ଣ୍ଣା ଚୌଧୁରୀଙ୍କୁ ଟେନିସ୍ ଖେଳରେ ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ପ୍ରଶଂସା ରୂପେ ଏମ୍‌ସିଏଲ୍ ତରଫରୁ ଏକ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ଜାଗୃତି ମହିଳା ମଣ୍ଡଳ ଏବଂ ଏହାର ଅଧୀନସ୍ଥ ଅଂଚଳର ମହିଳା ମଣ୍ଡଳ ଦ୍ୱାରା ସଞ୍ଚାଳିତ ପ୍ରକଳ୍ପଗୁଡ଼ିକ ଦ୍ୱାରା ଗରିବ, ଅଭାବଗ୍ରସ୍ତ ଲୋକମାନେ ବହୁମାତ୍ରାରେ ଲାଭାନ୍ୱିତ ହେଉଛନ୍ତି । ମୁଁ ଏହି ମଞ୍ଚରୁ ମହିଳା ମଣ୍ଡଳର ପ୍ରତ୍ୟେକ ସଦସ୍ୟାମାନଙ୍କୁ ସେମାନଙ୍କ ସାମାଜିକ ଜନକଲ୍ୟାଣକାରୀ କାର୍ଯ୍ୟଗୁଡ଼ିକ ନିମନ୍ତେ କୃତଜ୍ଞତା ଜ୍ଞାପନ କରୁଛି ।

ମୁଁ, ଏମ୍‌ସିଏଲ୍‌କୁ ସଫଳତାର ଶୀର୍ଷରେ ପହଞ୍ଚାଇବା ପାଇଁ ସମସ୍ତ ପ୍ରତିଜ୍ଞାବଦ୍ଧ ଶ୍ରମିକ ବନ୍ଧୁ, ଶ୍ରମିକ ସଂଘର ନେତା, ଅଧିକାରୀ ସଂଘର ପଦାଧିକାରୀ, ରାଜ୍ୟ ପ୍ରଶାସନ, ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ, ସ୍ଥାନୀୟ ଅଧିବାସୀ, ସାଂସଦ, ବିଧାୟକ, ସାମ୍ବାଦିକ, କମ୍ପାନୀର ଅଧିକାରୀ ବୃନ୍ଦ, ନିର୍ଦ୍ଦେଶକଗଣ ତଥା ଅନ୍ୟ ଅଂଶୀଦାରମାନଙ୍କୁ ଏହି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ମୋର କେବଳ ଆଶା ନୁହେଁ ବରଂ ପୂର୍ଣ୍ଣ ବିଶ୍ୱାସ ଅଛି ଯେ ଆପଣମାନଙ୍କ ସକ୍ରିୟ ସହଯୋଗରେ ଆମେ ଆଗାମୀ ପ୍ରତ୍ୟେକ ଆହ୍ୱାନଗୁଡ଼ିକୁ ସଫଳତାର ସହିତ ସାମନା କରିବୁ ଏବଂ ସଫଳତାର ନୂଆ କୀର୍ତ୍ତିମାନ ସ୍ଥାପନ କରିବୁ ।

ବନ୍ଦେ ମାତରମ୍, ଜୟ ହିନ୍ଦ, ଜୟ କୋଲ ଇଣ୍ଡିଆ, ଜୟ ମହାନଦୀ ।

ତା.୨୬ ଜାନୁଆରୀ ୨୦୧୮

ଆପଣଙ୍କ

**(ଅନିଲ କୁମାର ଝା)**

ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ